

ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅ ନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ବିଶ୍ୱ ଶ୍ରମିକ ଦିବସ ପାଳିତ



ବୈପାରୀଗୁଡ଼ା,୨।୫(ଡି.ଏନ୍.ଏ.): ସ୍ଥାନୀୟ ନେତାଜୀ ରାଜମିସ୍ତ୍ରି ଶ୍ରମିକ ସଂଗଠନ ପକ୍ଷରୁ ବୁଧବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ପୂର୍ତ୍ତ ବଙ୍ଗଳାରୁ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ଏଥିରେ ରାଜମିସ୍ତ୍ରି, ବଢେଇ, ଖଲାସି, ସ୍ୱାବଲମ୍ବୀ କାରିଗର ସାମିଲ ହୋଇଥିଲେ। ପରେ ବଙ୍ଗଳାରେ ସଙ୍ଗଠନ ସଭାପତି ସୂର୍ଯ୍ୟନାରାୟଣ ବିଶୋୟୀଙ୍କ ଅଧକ୍ଷତାରେ ଏକ ବୈଠକ ହୋଇଥିଲା। ବିଏସ୍‌ଏନ୍‌ଏଲ୍ ୱାର୍କର୍ସ ୟୁନିୟନର ଜୋନାଲ ସଂପାଦକ ସୁବାସ ଭଟ୍ଟାଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶ୍ୱ ଶ୍ରମିକ ଦିବସର ତାତ୍ପର୍ଯ୍ୟ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତିର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟପ୍ରିୟ ମଲ୍ଲିକ, ଜଗବନ୍ଧୁ ହରିଜନ, ତ୍ରିନାଥ ଗୁମିଆ, ମୋହନ ମହୁରିଆ ନେତୃତ୍ୱ ନେଇଥିଲେ।

### 'ଶ୍ରମିକଙ୍କ ପରିଶ୍ରମ ଉନ୍ନତ ଦେଶ ଗଢ଼େ'

ଜୟପୁର,୨।୫(ଡି.ଏନ୍.ଏ.):ଜୟପୁରସ୍ଥିତ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଜଜ୍‌କୋର୍ଟର ବିବାଦ ବିକଳ୍ପ ସମାଧାନ କେନ୍ଦ୍ରରେ ବିଶ୍ୱ ଶ୍ରମିକ ଦିବସ ଅବସରରେ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରାଧିକରଣ ଅଧକ୍ଷ ବିମଳ ଚାନ୍ଦ ଯୋଗଦେଇ କହିଥିଲେ ଯେ, ଶ୍ରମିକଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏକ ଉନ୍ନତ ଦେଶ ଗଠନ ହୋଇଥାଏ। ବିଶ୍ୱରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଆମ ଦେଶରେ ଅଧିକ ରହିଛି। ଏନେଇ ଦେଶରେ ଶିଶୁ ଶ୍ରମିକ ନିଷେଧ ଓ ନିୟନ୍ତ୍ରଣ ଅଧିନିୟମ ୧୯୮୬ ଭଳି ଆଇନ ବ୍ୟବସ୍ଥା ରହିଛି। ଅନ୍ୟପକ୍ଷରେ ବିନା ଅନୁମତିରେ ବାହାରକୁ ଶ୍ରମିକ ଭାବେ ଯିବା ବେଆଇନ କାର୍ଯ୍ୟ ଅଟେ ବୋଲି ସେ କହିଥିଲେ। ଏହି ଅବସରରେ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ଶ୍ରୀକାନ୍ତ ମିଶ୍ର, ପରିବାର କୋର୍ଟର ଜଜ୍ ସୂର୍ଯ୍ୟପ୍ରକାଶ କର, ଏଡିଜେ ରାଜକିଶୋର ଲେଙ୍କା, ସିଭିଲ ଜଜ୍ ଲୋପାମୁଦ୍ରା ପଣ୍ଡା, ପ୍ରାଧିକରଣ ସଚିବ ଲଳିତା ମଞ୍ଜରୀ ପଟ୍ଟନାୟକ, ରେଜିଷ୍ଟ୍ରାର ହିମାଂଶୁ ଶେଖର ବିଶ୍ୱାଳ, ଜେଏମ୍‌ଏଫ୍‌ସି ପ୍ରଭାତ ସାମଲ, ଉପ ଶ୍ରମ କମିଶନର ଗୀତାଞ୍ଜଳି ପତି, ଶ୍ରମ ନିରୀକ୍ଷକ ପୂର୍ଣ୍ଣିମା ଦୁରୁଆ ଉପସ୍ଥିତ ଥିଲେ।

### ୨ ଅବସରପ୍ରାପ୍ତ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



କୋରାପୁଟ,୨।୫(ସ୍ୱ.ପ୍ର.): କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲର ପୂର୍ବତନ ଅଧୀକ୍ଷକ ପ୍ରଫେସର ଡାକ୍ତର କ୍ଷେତ୍ରବାସୀ ସୁବୁଦ୍ଧି କାର୍ଯ୍ୟରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମେଡିକାଲ ଅଡିଟୋରିୟମରେ ଆୟୋଜିତ ସଭାରେ ମେଡିକାଲ କଲେଜର ଡିନ ତଥା ଅଧକ୍ଷ କୃଷ୍ଣଚନ୍ଦ୍ର ବିଶ୍ୱାଳ ଅଧକ୍ଷତା କରିଥିବାବେଳେ ପୂର୍ବତନ ଅଧୀକ୍ଷକ ପ୍ରଫେସର ସୀତାରାମ ମହାପାତ୍ର, କଲେଜର ଭେଷଜ ବିଭାଗ ମୁଖ୍ୟ ଡାକ୍ତର ଜୟନ୍ତ ପଣ୍ଡା ଯୋଗଦେଇ ପ୍ରଫେସର ସୁବୁଦ୍ଧିଙ୍କ କର୍ମମୟ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମେଡିକାଲର ବହୁ ପ୍ରାଧାପକଙ୍କ ସହ ଡାକ୍ତରୀ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେହିପରି କୋରାପୁଟ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ଦାସ ମଧ ଚାକିରିରୁ ଅବସର ଗ୍ରହଣ କରିଥିବାରୁ ତାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେଥିପାଇଁ ଆୟୋଜିତ ସଭାରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ କିଶୋର ଚନ୍ଦ୍ର ନନ୍ଦଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସହକାରୀ ଯନ୍ତ୍ରୀ ଶରତ କୁମାର ପାତ୍ରଙ୍କ ସମେତ ବିଭାଗୀୟ ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଶ୍ରମିକ ଦିବସରେ ଗାଁ ଛାଡ଼ିଲେ ଶତାଧିକ ଲୋକ

- ଦାଦନ ଖଟିବାକୁ ଯାଉଛନ୍ତି କେରଳର ଏର୍ନାକୁଲମ
- ଜିଲା ଶ୍ରମ ବିଭାଗ ପାଖରେ ନାହିଁ ସୂଚନା

କୋରାପୁଟ,୨।୫(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଗ୍ରାମ୍ୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବିଫଳତା ସାଙ୍ଗକୁ ସ୍ଥାନୀୟ ଶିଳ୍ପାନୁଷ୍ଠାନରେ ଅଞ୍ଚଳବାସୀଙ୍କୁ ଉପେକ୍ଷା ବଢ଼ିଚାଲିଛି। ଏହି କାରଣରୁ ଶହ ଶହ ଶ୍ରମିକ କାମ ଅନ୍ୱେଷଣରେ ପଡ଼ୋଶୀ ଆନ୍ଧ୍ର, ତେଲେଙ୍ଗାନା, ମହାରାଷ୍ଟ୍ର, ଗୁଜୁରାଟ, କର୍ଣ୍ଣାଟକ, କେରଳକୁ ଯାଉଛନ୍ତି। ବୁଧବାର ରାତି ତଥା ଶ୍ରମିକ ଦିବସରେ ଶତାଧିକ ଶ୍ରମିକ ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଯାଉଥିବା ଦେଖିବାକୁ ମିଳିଛି।

କୋରାପୁଟ ଜିଲାର କୋଟପାଡ଼ ବ୍ଲକ ସଦର, ବଟାସନା, ଫୁପୁଗାଁ, ଷଡ଼ରଙ୍ଗା ଭଳି ବିଭିନ୍ନ ପଞ୍ଚାୟତରୁ ଶହ ଶହ ଦାଦନ ଶ୍ରମିକ ଜଗଦଲପୁର-ବିଶାଖାପାଟଣା ଏକ୍ସପ୍ରେସରେ ବିଶାଖାପାଟଣା ବାହାରିଥିଲେ। ସେଠାରେ ପହଞ୍ଚି ଗୁରୁବାର ସକାଳେ ଏର୍ଣ୍ଣାକୁଲମ ଟ୍ରେନରେ କେରଳ ଯାଇଥିବା ଜଣାପଡ଼ିଛି। ଫୁଫୁଗାଁର ମନୋଜ ଭତ୍ରାଙ୍କ ସହ ଏହି ଶତାଧିକ ଗ୍ରାମବାସୀ ଭିଟାମାଟି ଛାଡ଼ି ଶାବଳ କୋଡ଼ି ଧରି ଦାଦନ ଖଟିବା ପାଇଁ କେରଳ ଯାତ୍ରା କରିଛନ୍ତି। ସେମାନଙ୍କ ଭିତରେ ନାବାଳକ ଓ ବୃଦ୍ଧ ମଧ୍ୟ ରହିଛନ୍ତି। ଜିଲାରୁ ଏତେ ସଂଖ୍ୟକ ଦାଦନ ଶ୍ରମିକ ରାଜ୍ୟ ବାହାରକୁ ଯାଉଥିଲେ ମଧ୍ୟ ଜିଲା ଶ୍ରମ ବିଭାଗ ପାଖରେ ଏହି ସୂଚନା ନାହିଁ। କେରଳରେ ଏମାନେ ମାଟି, ଇଟା, ପାଇପ, ଘର ତିଆରି କାମ କରିବେ।

ସୂଚନାଯୋଗ୍ୟ ଯେ, କୋରାପୁଟ ଜିଲାର କୋଟପାଡ଼ ସୀମାନ୍ତ ନଗରନାରଠାରେ ଏକ ବୃହତ ଆଲୁମିନା କାରଖାନା ନିର୍ମାଣ କରାଯାଉଥିବାବେଳେ ଏଥିରେ ସ୍ଥାନୀୟ ଗ୍ରାମବାସୀଙ୍କୁ କାମ ଦିଆଯାଉନାହିଁ। ଯଦି ସେମାନେ କାମ କରିବେ, ମହିଳାଙ୍କୁ ଦୈନିକ ୧୦୦ରୁ ୧୫୦ ଟଙ୍କା ଓ ପୁରୁଷଙ୍କୁ ଦୈନିକ ୧୫୦ରୁ ୨୦୦ ଟଙ୍କା ଦିଆଯାଉ ଥିବାରୁ ଏତେ କମ୍ ପାରିଶ୍ରମିକରେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଉଥିବାରୁ ଆମେ ବାଧ୍ୟହୋଇ ପଡ଼ୋଶୀ ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଉଥିବା ଶ୍ରମିକମାନେ କହିଛନ୍ତି। ସେହିପରି ଜିଲାର ଅଧିକାଂଶ ଛୋଟବଡ଼ ଶିଳ୍ପାଞ୍ଚଳରେ ସଂସ୍ଥା ତଥା ଠିକାଦାର ବାହାର ରାଜ୍ୟ ଶ୍ରମିକଙ୍କୁ ଏଠାକୁ ଆଣି କାମ କରୁଥିବାରୁ ସ୍ଥାନୀୟ ଶ୍ରମିକ କାମ ପାଉ ନାହାନ୍ତି। ବାହାର ରାଜ୍ୟର ଶ୍ରମିକ ସେଠାରେ ଦୈନିକ ୮ ଘଣ୍ଟା ପରିଶ୍ରମ କରି ୫ଶହରୁ ୬୦୦ ଯାଏ ଟଙ୍କା ପାଉଥିବା ବେଳେ ଏଠାରୁ ଯାଇଥିବା ଶ୍ରମିକ ୧୨ରୁ ୧୪ ଘଣ୍ଟା ଖଟି ମଧ୍ୟ ଉପଯୁକ୍ତ ପାରିଶ୍ରମିକ ପାଉନାହାନ୍ତି। ବରଂ ଓଲଟା ନିର୍ଯାତନା ସହୁଛନ୍ତି। ଏନେଇ କୋରାପୁଟ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଥିଲେ, ଏହି ଦାଦନ ଶ୍ରମିକ ଚାଲାଣ ନେଇ ଜିଲା ଶ୍ରମ ବିଭାଗ ପାଖରେ ସୂଚନା ନାହିଁ। ଦାଦନଙ୍କୁ ନେଇଥିବା ଫୁପୁଗାଁର ମନୋଜ ଭତ୍ରାଙ୍କୁ ପଚାରିବାରେ ସେ କହିଥିଲେ, ଏମାନେ ପୂର୍ବରୁ କେରଳରେ କାମ କରୁଥିଲେ। ଭୋଟ୍ ଦେବା ପାଇଁ ଗାଁକୁ ଆସିଥିଲେ। ଏବେ ଭୋଟ୍ ସରିବା ପରେ ସେମାନଙ୍କୁ ନେଇ ଏର୍ଣ୍ଣାକୁଲମ ଯାଉଛି।

## ଶ୍ରମିକ ଦିବସରେ ଶୋଭାଯାତ୍ରା




ନିର୍ମାଣ ଶ୍ରମିକ ମିଳିତ ସଂଘ ପକ୍ଷରୁ ଶ୍ରମିକ ଦିବସରେ ବାହାରିଥିବା ଶୋଭାଯାତ୍ରା।

ଜୟପୁର,୨।୫(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହରରେ ବିଭିନ୍ନ ଶ୍ରମିକ ସଂଘ ଓ ସଂଗଠନ ପକ୍ଷରୁ ବୁଧବାର ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଛି। ନିର୍ମାଣ ଶ୍ରମିକ ମିଳିତ ସଂଘ ପକ୍ଷରୁ ସ୍ଥାନୀୟ ଜଗତଜନନୀ ମନ୍ଦିର ଛକ କାର୍ଯ୍ୟାଳୟରେ ସଭାପତି ବାଲା ରାୟ ସଂଘର ପତାକା ଉତ୍ତୋଳନ କରିବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲା। ଶ୍ରମିକଙ୍କୁ କାମ, ଉଚିତ ମୂଲ୍ୟ, ବନ୍ଦ ପଡ଼ିଥିବା କାରଖାନା ଖୋଲିବା, ନିଯୁକ୍ତି ସୁଯୋଗ ସୃଷ୍ଟି, ସର୍ବନିମ୍ନ ମଜୁରି ୨୨ ହଜାର ଟଙ୍କା, ସମାନ କାମକୁ ସମାନ ଦରମା ଭଳି ସ୍ଲୋଗାନ ଓ ଦାବି ଶୋଭାଯାତ୍ରାରେ ଦିଆଯାଇଥିଲା। କାର୍ଯ୍ୟାଳୟରେ ସଭାପତି ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସିଟି କୋର୍ଡିନେସନ କମିଟିର ବରିଷ୍ଠ କର୍ମକର୍ତ୍ତା ପ୍ରମୋଦ ମହାନ୍ତି ଓ ଯୁଧିଷ୍ଠିର ରାଉଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ କାର୍ଯ୍ୟକାରୀ ସଭାପତି ପ୍ରବୀର ମହାନ୍ତି, ସାଧାରଣ ସଂପାଦକ ଉମା ସାହୁ, ଉପସଭାପତି ତ୍ରିନାଥ ପାଇକରାୟ, ସୁନୀଲ ସୁନା, ଉଦୟ ସାହୁ ଉପସ୍ଥିତ ଥିଲେ। ସେହିପରି ସିଟି କୋର୍ଡିନେସନ କମିଟି ଏବଂ ଆସୋସିଏସନ, ଏ.ଆଇ.ଟି.ୟୁ.ସି ଏବଂ ସିଟୁ ପକ୍ଷରୁ ମିଳିତ ଭାବେ ଏକ ଶୋଭାଯାତ୍ରା ସହର ପରିକ୍ରମ କରିଥିଲା। ଏଥିରେ ମୋଟର କର୍ମଚାରୀ ସଂଘର ସଦସ୍ୟମାନେ ସାମିଲ ଥିଲେ।

- ମେଡିକାଲରୁ ପୁଅ ମୃତଦେହ କାନ୍ଧରେ ବୋହିଲେ ବାପା

# ବାଟରେ ଅଟକାଇ ଆମ୍ବୁଲାନ୍ସ ବ୍ୟବସ୍ଥା କଲେ ମେଡିକାଲ କର୍ତ୍ତୃପକ୍ଷ

କୋରାପୁଟ,୨।୫(ସ୍ୱ.ପ୍ର.)



କୋରାପୁଟ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହେବା ପରେ ନିଜ ପୁଅକୁ ବାପା କାନ୍ଧରେ ବୋହିନେବା ଘଟଣା ସହରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବୁଧବାର ଜୟପୁର ବ୍ଲକ ପାମ୍ପୁଣି ଗ୍ରାମର ହୃଷିକେଶ ମଣ୍ଡଳଙ୍କ ପୁଅ ସୁମନ (୧୩) କିଛି ବିଷାକ୍ତ ଜିନିଷ ଖାଇ ଗୁରୁତର ହୋଇଥିଲେ। ପ୍ରଥମେ ତାଙ୍କୁ ଜୟପୁର ମେଡିକାଲ ନିଆଯାଇଥିବା ବେଳେ ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କୋରାପୁଟ ମେଡିକାଲ କଲେଜ ସ୍ଥାନାନ୍ତର କରାଯାଇଥିଲା। ଅପରାହ୍ନରେ ସୁମନଙ୍କର ମୃତ୍ୟୁ ହୋଇଯାଇଥିଲା। ଏହାପରେ ବାପା ହୃଷିକେଶ ମଣ୍ଡଳ ଓ ତାଙ୍କ ସ୍ତ୍ରୀ ପୁଅର ମୃତଦେହକୁ କାନ୍ଧେଇ ମେଡିକାଲରୁ ଘରକୁ ନେଉଥିବା ଦେଖିବାକୁ ମିଳିଥିଲା। ମେଡିକାଲ କର୍ତ୍ତୃପକ୍ଷ ଓ ମୃତକଙ୍କ ସଂପର୍କୀୟ ଏହି ଖବର ଜାଣିବା ପରେ ହୃଷିକେଶକୁ ଏସ୍‌ପି ରେସିଡେନ୍ସ ନିକଟରେ ଅଟକାଇ ଆମ୍ବୁଲାନସରେ କୋରାପୁଟ ମେଡିକାଲକୁ ଆଣିଥିଲେ। ବୁଧବାର ରାତି ହୋଇଯିବାରୁ ଗୁରୁବାର ସକାଳେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହ ପରିବାର ସଦସ୍ୟଙ୍କୁ ଦିଆଯାଇ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ପାମ୍ପୁଣି ପଠାଯାଇଥିଲା। ତେବେ ମେଡିକାଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତି ସତ୍ତ୍ୱେ ସେମାନେ କିପରି ମୃତଦେହକୁ କାନ୍ଧେଇ ନେଇ ଯାଇପାରିଲେ, ତାହାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## ବିପଦପୂର୍ଣ୍ଣ ସ୍ଥିତିରେ ଥିବା ଗଛଡାଳ କଟାଗଲା

କୋରାପୁଟ,୨।୫(ସ୍ୱ.ପ୍ର.)

ଘୂର୍ଣ୍ଣିଝଡ଼ ଫନୀ ପ୍ରଭାବରେ କୋରାପୁଟ ଆକାଶ ମେଘାଚ୍ଛନ୍ନ ହୋଇଛି। ଗୁରୁବାର କେତେକ ସ୍ଥାନରେ ଝିପିଝିପି ବର୍ଷା ମଧ୍ୟ ଆରମ୍ଭ ହୋଇଛି। ସେହିପରି ଫନିକୁ ଦୃଷ୍ଟିରେ ରଖି ସ୍ଥାନୀୟ ମ୍ୟୁନିସପାଲିଟି କର୍ତ୍ତୃପକ୍ଷ, ଓଡ୍ରାଫ ଓ ସାଉଥକୋ ପକ୍ଷରୁ ଗୁରୁବାର କୋରାପୁଟ ସହରର ମୁଖ୍ୟରାସ୍ତାରେ ବିପଦସଙ୍କୁଳ ଭାବେ ଥିବା ଗଛର ଡାଳ କଟାଯାଇଛି। ଫନିର ମୁକାବିଲା କରିବା ପାଇଁ ଗୁରୁବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଜିଲାର ପଦସ୍ଥ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲାର ସମସ୍ତ ବାତ୍ୟା ଆଶ୍ରୟସ୍ଥଳରେ ଶୁଖିଲା ଖାଦ୍ୟ, ଔଷଧ, କିରୋସିନ, ଦିଆସିଲି, ମହମବତୀ, ପଲିଥିନ ମହଜୁଦ ରଖାଯାଇଥିବା ବେଳେ ତଳିଆ ସ୍ଥାନ ତଥା ବିଭିନ୍ନ ଘାଟରେ ଯନ୍ତ୍ରଚାଳିତ ବୋଟ୍ ପ୍ରସ୍ତୁତ ରଖାଯାଇଛି।

- ଜିଲାର ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ

# ପରିସ୍ଥିତି ଅନୁଯାୟୀ ମୁକାବିଲା କର

ଜୟପୁର,୨।୫(ଡି.ଏନ୍.ଏ.)

ଫନି ବାତ୍ୟାର କୋରାପୁଟ ଜିଲା ଉପରେ ପ୍ରଭାବ ନ ଥିଲେ ସୁଦ୍ଧା ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି। ଏହାର ମୁକାବିଲା ପାଇଁ ଜିଲା ପ୍ରଶାସନ ସମସ୍ତ ୧୪ଟି ବ୍ଲକର ବିଡିଓଙ୍କୁ ପରସ୍ଥିତି ଅନୁଯାୟୀ ସମସ୍ତ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜୟପୁର ବ୍ଲକର ଡଙ୍ଗରଛିଞ୍ଚି, ବାରିଣିପୁଟ, କେବିଡି, ରାଣୀଗଡ଼ ପଞ୍ଚାୟତର ସମ୍ପ୍ରସାରଣ ଅଧିକାରୀ, ଅଙ୍ଗନୱାଡ଼ି, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ସଦର ମହକୁମାରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାରିଣିପୁଟ ପଞ୍ଚାୟତର ଦୁରିଆପଦର, କେବିଡିର ମାଳିକର୍ଚ୍ଛି ଏବଂ ରାଣୀଗଡ଼ର ବିରିଫୁଲଗୁମ୍ମା ଗ୍ରାମରେ ପ୍ରବଳ ବର୍ଷା ହେଲେ ପାହାଡ଼ରୁ ମାଟି ଓ ପଥର ଖସୁଛି। ଡଙ୍ଗରଛିଞ୍ଚି ପଞ୍ଚାୟତର ଦୁର୍ଗାଭଟ୍ଟା ଗ୍ରାମରେ କୋଲାବ ଡ୍ୟାମ୍ ଗେଟ୍ ଖୋଲିଲେ ଗ୍ରାମରେ ପାଣି ପ୍ରବେଶ କରିଥାଏ। ତେଣୁ ଏହି ଗ୍ରାମଗୁଡ଼ିକରେ ମାଇକ ଯୋଗେ ବ୍ଲକ ପ୍ରଶାସନ ସତର୍କ କରାଇଛି। ଆବଶ୍ୟକ ସ୍ଥଳେ ଗ୍ରାମକୁ ଖାଲି କରାଯାଇ ନିକଟସ୍ଥ ବନ ସୁରକ୍ଷା ସମିତିର ଗୃହ ଏବଂ ବିଦ୍ୟାଳୟରେ ଆଶ୍ରୟ ନେବା ପାଇଁ ବ୍ୟବସ୍ଥା କରାଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ଗୋଦାମ ଘରେ ଚାଉଳ, ଚୁଡ଼ା, ଗୁଡ଼ା, ଡାଲି, କିରୋସିନ ମହଜୁଦ୍ ରଖାଯାଇଛି। ବାଲିଆ ପଞ୍ଚାୟତରେ ଥିବା ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ ରଖାଯାଇଛି ବୋଲି ବିଡିଓ ସୂରଜ ପଟ୍ଟନାୟକ କହିଛନ୍ତି।

- ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାଫଳ

# ଡିପିଏସ୍‌ର ଶତ ପ୍ରତିଶତ ସଫଳତା, ପ୍ରସାଦ ସ୍କୁଲ ଟପ୍ପର



ପ୍ରସାଦ ଦାଶ



ଆଭା ଗର୍ଗ



କୁମାରୀ ଖୁସି



ସାର୍ଥକ ପାଇକରାୟ

ଦାମନଯୋଡ଼ି,୨।୫(ଡି.ଏନ୍.ଏ.)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ଼ (ସିବିଏସ୍‌ଇ) ପକ୍ଷରୁ ଗୁରୁବାର ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇଛି। ଦାମନଯୋଡ଼ିର ଦିଲ୍ଲୀ ପବ୍ଲିକ ସ୍କୁଲରେ ଦ୍ୱାଦଶ ବିଜ୍ଞାନରେ ପରୀକ୍ଷା ଦେଇଥିବା ସମସ୍ତ ୫୮ ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ପ୍ରସାଦ ଦାଶ ସର୍ବାଧିକ ୯୫ ପ୍ରତିଶତ ନମ୍ବର ରଖି ବିଜ୍ଞାନ ବିଭାଗ ସହ ସ୍କୁଲ ଟପ୍ପର ହୋଇଛନ୍ତି। ତାଙ୍କ ପିତା ରମେଶ ଚନ୍ଦ୍ର ଦାଶ ନାଲକୋର ଏଜିଏମ୍ ଅଛନ୍ତି। ଭବିଷ୍ୟତରେ ଆଇଆଇଟିରୁ କମ୍ପ୍ୟୁଟର ଇଞ୍ଜିନିୟରିଂ ପଢ଼ିବା ଲକ୍ଷ୍ୟ ରଖିଥିବା ପ୍ରସାଦ କହିଛନ୍ତି। ଆଭା ଗାର୍ଗ ଓ ସାର୍ଥକ ପାଇକରାୟ ୨ୟ ଓ ୩ୟ ସ୍ଥାନ ହାସଲ କରିଛନ୍ତି। ଅନ୍ୟ ୩ ଜଣ ଛାତ୍ରୀଛାତ୍ର ଶେଷାଦ୍ରୀ ପ୍ରିୟଦର୍ଶିନୀ, ସୃଜନିକା ପାତ୍ର, କୁଚିକୁପଲ୍ଲା ଶୁଭଶ୍ରୀ ମଧ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଅନ୍ୟ ୧୫ ଜଣ ୮୦ରୁ ୯୦ ପ୍ରତିଶତ ନମ୍ବର ରଖିଛନ୍ତି। ସେହିପରି ବାଣିଜ୍ୟରେ ପରୀକ୍ଷା ଦେଇଥିବା ୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କୁମାରୀ ଖୁସି ସର୍ବାଧିକ ୮୭ ପ୍ରତିଶତ ନମ୍ବର ରଖିଛନ୍ତି। ସାଇନା ଶୁଭଦର୍ଶିନୀ ଓ ହେଲେନ ମୁସ୍କାନ ସାଇମୁର୍ଗା ମଧ ୭୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଏହି ସଫଳତା ପାଇଁ ସ୍କୁଲ ଅଧକ୍ଷା ଦୀପାନ୍ୱିତା ଦାସଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଅପରକୋଲାବରେ ଶ୍ରମିକ ଦିବସ

କୋଲାବନଗର,୨।୫(ଡି.ଏନ୍.ଏ.)

ଅପରକୋଲାବ ଯୋଜନା ଶ୍ରମିକ ସଂଘ ପକ୍ଷରୁ ବୁଧବାର ଶ୍ରମିକ ଦିବସ ପାଳନ କରାଯାଇଛି। ସଂଘ କାର୍ଯ୍ୟାଳୟ ପରିସରରେ ସ୍ଥାୟୀ ସଭାପତି ଦୀନେଶ କୁମାର ମହାନ୍ତି ବୁଧବାର ସକାଳେ ସଂଘୀୟ ପତାକା ଉତ୍ତୋଳନ କରିଥିଲେ। ପରେ ସଂଘର ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସମ୍ପାଦକ ଶଶିଭୂଷଣ ସ୍ୱାଇଁ ଶ୍ରମିକ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଏହାପରେ ଏକ ଶୋଭାଯାତ୍ରା ଯୋଜନା ଅଞ୍ଚଳ ପରିକ୍ରମା କରି ପୁନଶ୍ଚ ସଂଘ ସଭାଗୃହ ନିକଟରେ ପହଞ୍ଚିଥିଲା। ପରେ ଶ୍ରମିକମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପ୍ରାୟ ୨ଶହ ଶ୍ରମିକ ସାମିଲ ହୋଇଥିଲେ।

# କୋରାପୁଟ ବ୍ଲକର ୪ ଗାଁ ଅସୁରକ୍ଷିତ

କୋରାପୁଟ,୨।୫(ସ୍ୱ.ପ୍ର.)

ଫନୀ ପ୍ରଭାବରେ କୋରାପୁଟ ବ୍ଲକର ୪ଟି ଗ୍ରାମ ଅସୁରକ୍ଷିତ ଚିହ୍ନଟ କରାଯାଇଛି। ଗୁରୁବାର ବ୍ଲକ ପ୍ରଶାସନ ମାଇକ ଯୋଗେ ସମସ୍ତ ପଞ୍ଚାୟତବାସୀଙ୍କୁ ସଚେତନ କରିଛି। ବିଡିଓ ନରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଜିପିଓ ସୁରେଶ ହୋତା ଓ ସମସ୍ତ ବ୍ଲକ କର୍ମଚାରୀ ବ୍ଲକ ଅଧୀନରେ ଥିବା କେନ୍ଦାର, ମହାଦେଇପୁଟ, ମାନାବାର, ମସ୍ତିପୁଟ ପଞ୍ଚାୟତକୁ ଯାଇ ମାଇକ ଯୋଗେ ଫନୀ ପାଇଁ ପ୍ରତିକାର ଓ ସତର୍କତା ବିଷୟରେ ସୂଚନା ଦିଆଯାଇଛି। ଆବଶ୍ୟକ ହେଲେ ସ୍ଥାନୀୟ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଆଶ୍ରୟ ନେବା ପାଇଁ ପରାମର୍ଶ ଦିଆଯାଇଛି। କୌଣସି ଅସୁବିଧା ହେଲେ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀଙ୍କୁ ଜଣାଇବାକୁ କୁହାଯାଇଛି। କୋରାପୁଟ ବ୍ଲକର ୪ଟି ଗ୍ରାମକୁ ଅସୁରକ୍ଷିତ ଥିବା ଚିହ୍ନଟ କରାଯାଇଥିବାବେଳେ ସେଥିରେ ପଦ୍ମପୁର ପଞ୍ଚାୟତର ଖାଲପଦର ଗ୍ରାମବାସୀଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟ, ମହାଦେଇପୁଟ ପଞ୍ଚାୟତର ଲାଲଗୁଡ଼ା ଗ୍ରାମବାସୀଙ୍କୁ ଡେଲିଆମ୍ବ ସ୍କୁଲ, ବଡ଼ସୁକୁ ପଞ୍ଚାୟତର କୋଲାବ ନଦୀପାର୍ଶ୍ୱ, ସିଂଗିସି ଗ୍ରାମବାସୀଙ୍କୁ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡୁମୁରିପଦର ପଞ୍ଚାୟତର ମାଳିଚଲାର ଗ୍ରାମବାସୀଙ୍କୁ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେବା ପାଇଁ ବ୍ଲକ ନିର୍ଦ୍ଦେଶ ଦେଇଛି। ଏହି ୪ଟି ସ୍ଥାନରେ ରନ୍ଧାଖାଦ୍ୟ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

# ସ୍ଥାନାନ୍ତର ହେବେ ୮ ଗାଁର ୧୬୪ ପରିବାର

ପଟ୍ଟାଙ୍ଗି,୨।୫(ଡି.ଏନ୍.ଏ.)

ଆନ୍ଧ୍ର ସୀମାନ୍ତରେ ଥିବା ପଟ୍ଟାଙ୍ଗି ବ୍ଲକରେ ଫନିର ପ୍ରଭାବ ପଡ଼ିବା ସମ୍ଭାବନା ଥିବାରୁ ବିଡିଓ କରୁଣାକର ପ୍ରଧାନ ଓ ତହସିଲଦାର ଡ. ଅରୁଣ ଖଣ୍ଡା ଗୁରୁବାର ତହସିଲ କାର୍ଯ୍ୟାଳୟରେ ପ୍ରସ୍ତୁତି ବୈଠକ କରିଛନ୍ତି। ବ୍ଲକର ୧୪ଟି ପଞ୍ଚାୟତକୁ ଗସ୍ତ କରି ବିହିତ ବ୍ୟବସ୍ଥା କରିବା ପାଇଁ ଏଥିରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କୋଟିଆ, ନୂଆଗାଁ, ପଟ୍ଟାଙ୍ଗି, ରାଲେଗଡ଼ା, ଗାଙ୍ଗରଜପୁର, ଚନ୍ଦକା, ତଳଗୋଲୁର, ଅମ୍ବାବାଲି ଓ ସୁଙ୍କି ପଞ୍ଚାୟତରେ ଥିବା ପାହାଡ଼ ଓ ପାହାଡ଼ ତଳି ସ୍ଥାନରେ ରହୁଥିବା ଗ୍ରାମ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରଖିବା ପାଇଁ କୁହାଯାଇଛି। ଅତ୍ୟଧିକ ପ୍ରଭାବିତ ହେବା ଆଶଙ୍କା ରହିଥିବା ତଳଗୋଲୁର ପଞ୍ଚାୟତର ସିଡିବାଲସା ଓ ଡୁମୁରିଗୁଡ଼ା, ଚନ୍ଦକାର ଗାଲିପାଡୁ, ଗାଙ୍ଗରଜପୁରର ଦମକଗୁଡ଼ା, ରାଲେଗଡ଼ାର ବୁନ୍ଦୁଲପାଡୁ, ସୁଙ୍କିର ଗିନିପିଲିପାଡୁ, ମାଝିଗୁଣ୍ଡଲମ ଏବଂ କୋଟିଆର ମାଡକାର ଗ୍ରାମର ୧୬୪ ପରିବାରକୁ ସ୍ଥାନାନ୍ତର କରିବା ପାଇଁ ବିଡିଓ ପ୍ରଧାନ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବ୍ଲକର ପିଇଓ, ଜେଇ ଓ ଶିକ୍ଷକଙ୍କୁ ନେଇ କମିଟି ଗଠନ କରି ଉକ୍ତ ଗ୍ରାମଗୁଡ଼ିକୁ ପଠାଯାଇଥିବା ତହସିଲଦାର ଖଣ୍ଡା ପ୍ରକାଶ କରିଥିଲେ।



ଫନି ମୁକାବିଲା ପାଇଁ ପଟ୍ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ।

- ନୂଆ ମୋଡ଼ ନେଲା ନନ୍ଦପୁର ରାଜନୀତି

# କଂଗ୍ରେସକୁ ବାହୁଡ଼ିଲେ ବ୍ଲକ ଅଧକ୍ଷ, ଉପାଧକ୍ଷା

ନନ୍ଦପୁର,୨।୫(ଡି.ଏନ୍.ଏ.)



କଂଗ୍ରେସରେ ଯୋଗଦେଇଥିବା ନୂତନ ଓ ପୁରାତନ ସଦସ୍ୟ।

ନନ୍ଦପୁର ବ୍ଲକ କଂଗେସ ପକ୍ଷରୁ ଆନ୍ଧ୍ରର ମଥ୍ୟଗୁଣ୍ଡାମ ମନ୍ଦିରରେ ବୁଧବାର ୧୪ଟି ପଞ୍ଚାୟତର ସମିତି ସଭ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଗତ ସାଧାରଣ ନିର୍ବାଚନ ବେଳେ ନନ୍ଦପୁର ବ୍ଲକ ଅଧକ୍ଷ ମଧୁ ମୁଦୁଲି ଓ ଉପାଧକ୍ଷା ଡାଳିମା ଖରା କଂଗ୍ରେସ ଛାଡ଼ି ବିଜେଡିରେ ମିଶିଥିଲେ। କିନ୍ତୁ ସେହି ଦଳର କାର୍ଯ୍ୟକଳାପକୁ ନାପସନ୍ଦ କରି ପୁଣି କଂଗ୍ରେସକୁ ଫେରିଛନ୍ତି। ଏଥିସହ ବିଜେଡି ସମର୍ଥିତ ଥିବା ପଞ୍ଚାୟତର ସମିତିସଭ୍ୟ ଅର୍ଜୁନ କିର୍ସାନି, ପାଛଲୁଙ୍ଗ ପଞ୍ଚାୟତର ସମିତି ସଭ୍ୟ ସୂର୍ଯ୍ୟ ନାରାୟଣ ଖୁଡ଼ା, ନନ୍ଦକା ପଞ୍ଚାୟତର ସମିତି ସଭ୍ୟା ଡାଳିମା ଖରା ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ବୈଠକରେ ନନ୍ଦପୁର ବ୍ଲକ ଜୋନ-୧ ସଭାପତି ଗୋପାଳ ମାଟାମ, ଜୋନ-୨ ସଭାପତି କାମେଶ କାମୁଡି କଂଗ୍ରେସରେ ଯୋଗ ଦେଇଥିବା ନୂଆ ଓ ପୁରୁଣା ସଭ୍ୟମାନଙ୍କୁ ଶପଥ ପାଠ କରାଇଥିଲେ।

ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥିତ ମଧୁ ମୁଦୁଲି ଓ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତ ହୋଇଥିଲା। ୨୩ ଜଣ ସମିତି ସଭ୍ୟଙ୍କ ମଧ୍ୟରୁ କଂଗ୍ରେସ ଓ ବିଜେଡି ସମର୍ଥନରେ ୧୧ ଜଣ ଲେଖାଏଁ ସମିତି ସଭ୍ୟ ରହିଥିଲେ। ମାତ୍ର ଜଣେ ଭାଜପା ସମର୍ଥିତ ସମିତି ସଭ୍ୟ ଅଧକ୍ଷ ପଦର ଭାଗ୍ୟ ନିର୍ଦ୍ଧାରଣ କରିଥାନ୍ତେ। କଂଗ୍ରେସ ଗୋଟି ଚାଳନା କରି ଭାଜପା ସର୍ମିତ ପ୍ରାର୍ଥୀଙ୍କ ସମର୍ଥନ ହାତେଇବା ସହ ବିଜେଡିର ଗୋଟିଏ କ୍ରଶ୍ ଭୋଟ ଯୋଗୁ ୧୩ ଖଣ୍ଡ ଭୋଟ ପାଇ ମଧୁ ମୁଦୁଲି ବିଜୟୀ ଅଧକ୍ଷ ହୋଇଥିଲେ। ଚଳିତ ସାଧାରଣ ନିର୍ବାଚନରେ ଭାଜପା ସମର୍ଥିତ ସମିତି ସଭ୍ୟ ଜଣକ ପଟ୍ଟାଙ୍ଗି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଆଶାୟୀ ପ୍ରାର୍ଥୀ ଥିଲେ। ତାଙ୍କୁ ଟିକେଟ ନ ମିଳିବାରୁ ସେ ବିଜେଡିରେ ମିଶିଥିଲେ। ଫଳରେ ବିଜେଡି ସପକ୍ଷରେ ଅଧିକ ସମିତି ସଭ୍ୟ ଥିବାରୁ ଅଧକ୍ଷ ପଦ ପୁଣି ଟଳମଳ ହେବା ଆଶଙ୍କା ସୃଷ୍ଟି ହୋଇଥିଲା। ଏହା ମଧୁ ମୁଦୁଲିଙ୍କ ଉପରେ ପରୋକ୍ଷ ଚାପ ପକାଇବା ପରେ ପଦ ବଞ୍ଚାଇବା ଆଶାରେ ସେ ଓ ଉପାଧକ୍ଷା ଡାଳିମା ଖରା ନିର୍ବାଚନରେ ବିଜେଡି ପାଇଁ ପ୍ରଚାର କଲେ। କିନ୍ତୁ ବ୍ଲକ କଂଗ୍ରେସ ଗୋଟି ଚଳାଇ ପୁଣି ଏହ ଦୁଇଜଣଙ୍କୁ ଦଳକୁ ବାହୁଡ଼ାଇ ଆଣିଛି।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶୁକ୍ରବାର, ମେ ୩ /୨୦୧୯ Rayagada, Friday, May 3/ 2019

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

ନବରଙ୍ଗପୁର,୨ା୫(ଡି.ଏନ.ଏ.)- ନବରଙ୍ଗପୁର ଥାନା ଅଧିନ ବିଜିରଗୁଡା ନିକଟରେ ଏକ ବାଇକ ଗଛକୁ ପିଟି ଦେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସଞ୍ଜୟ ବିଶୋୟୀ। ତେନ୍ତୁଳିଖୁଣ୍ଟି ବ୍ଲକ ବାରଙ୍ଗପଦର ଗାଁର ସଞ୍ଜୟ ବିଷୋୟୀ ଓ ବସନ୍ତ ବିଷୋୟୀ ବାଇକରେ କୁର୍ଲୁଘାଟି ଯାଉଥିବା ସମୟରେ ବାଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ଦେଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ଜିଲା ସଦର ମହକୁମା ଡାକ୍ତରଖାନାକୁ ଅଣାଯାଇଥିଲା । ଡାକ୍ତରଖାନାରେ ସଂଜୟଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ବସନ୍ତ ଚିକିତ୍ସାଧିନ ରହିଛନ୍ତି।

### ବିଷ ଖାଇ ଯୁବକଙ୍କ ଆତ୍ମହତ୍ୟା

ଡାବୁଗାଁ, ୨ା୫(ଡି.ଏନ୍.ଏ.)ଡାବୁଗାଁ ଜୟନ୍ତ ନଗରର ସୁରେନ୍ଦ୍ର ଖୁଣ୍ଟିଆ(୩୬) ବୁଧବାର ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ତାଙ୍କ ବଡ଼ଭାଇ ପ୍ରମୋଦ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ପ୍ରକାଶ ଯେ, ସୁରେନ୍ଦ୍ର ମଙ୍ଗଳବାର ରାତିରେ ନୂଆ ବସ୍‌ଷ୍ଟାଣ୍ଡସ୍ଥିତ ତାଙ୍କ ଦୋକାନରୁ ଘରକୁ ଫେରିଥିଲେ। କିନ୍ତୁ ବୁଧବାର ସକାଳୁ ପରିବାର ଲୋକେ ତାଙ୍କ ମୃତଦେହ ଘର ବାରିପଟେ ପଡ଼ିଥିବା ଦେଖିଥିଲେ। ତାଙ୍କ ପାଟିରୁ ଫେଣ ବାହାରୁଥିବାରୁ ସେ ବିଷ ଖାଇ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ଖବର ପାଇ ଡାବୁଗାଁ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଡାବୁଗାଁ ଥାନାରେ ୧୭/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ବୋଲି ଏଏସ୍‌ଆଇ ସଲମନ୍ ଭୂୟାଁ କହିଛନ୍ତି।

### ଦୁର୍ଘଟଣାରେ ଜଣେ ଗୁରୁତର

ପାପଡ଼ାହାଣ୍ଡି, ୨ା୫ (ଡି.ଏନ୍.ଏ.) ବିବାହ କାର୍ଯ୍ୟରେ ଯୋଗଦେଇ ଫେରୁଥିବା ଏକ କାର ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତୁମ୍ୱର୍ଲା ଫାଣ୍ଡି ନିକଟରେ ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଡ୍ରାଇଭର ବିଦ୍ୟା ହରିଜନ ଗୁରୁତର ହୋଇଛନ୍ତି। ତାଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ବିଦ୍ୟା ଧନଶୂଳିରୁ ଏକ ବିବାହ କାର୍ଯ୍ୟରେ ଯୋଗଦେଇ ଓଡି-୦୭ୱାଇ-୬୮୭୮ ନମ୍ବର ବିଶିଷ୍ଟ ଗାଡ଼ିରେ ଫେରୁଥିଲେ। ହଠାତ୍ କୌଣସି କାରଣରୁ ତୁମ୍ୱର୍ଲା ଫାଣ୍ଡି ନିକଟରେ ଗାଡିଟି ଓଲଟି ପଡିଥିଲା।

# ପୂଜାରୀଗୁଡାରେ ମଣ୍ଡେଇ ଯାତ୍ରା

ଚନ୍ଦାହାଣ୍ଡି, ୨ା୫(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପୂଜାରୀଗୁଡାଠାରେ ବୁଧବାର ପାରମ୍ପରିକ ମଣ୍ଡେଇଯାତ୍ରା ପାଳିତ ହୋଇଛି । ଏଥିରେ ବ୍ଲକର ବିଭିନ୍ନ ଗ୍ରାମରୁ ଶତାଧିକ ଲାଠି, କୁର୍ସି, ପାଲିଙ୍କି ବିଭିନ୍ନ ଦେବୀଙ୍କ ପ୍ରତୀକ କାଳିସୀ ଯୋଗ ଦେଇଥିଲେ । ମଣ୍ଡେଇର ପ୍ରଥମ ଦିନରେ ପୂଜାରୀଗୁଡା ଗ୍ରାମର ବିଭିନ୍ନ ଦେବାଦେବୀଙ୍କ ପୀଠରେ ଗ୍ରାମର ପୂଜାରୀଙ୍କ ଦ୍ୱାରା ପାରମ୍ପରିକ ରୀତିରେ ପୂଜାପାଠ କରି ସମସ୍ତ ଦେବାଦେବୀଙ୍କୁ ମଣ୍ଡେଇକୁ ନିମନ୍ତ୍ରଣ କରାଯାଇଥିଲା । ଦ୍ୱିତୀୟ ଦିନରେ ବ୍ଲକର ବିଭିନ୍ନ ଗ୍ରାମର ଦେବାଦେବୀ, ଲାଠି, କୁର୍ସି ପହଞ୍ଚିଥିଲେ । ସେଠାରେ ନିମନ୍ତ୍ରଣ କରାଯାଇଥିବା ଦେବାଦେବୀଙ୍କ ପାଖରେ ମେଣ୍ଢାବଳି ଦିଆଯାଇଥିଲା। ନିମନ୍ତ୍ରିତ ଦେବାଦେବୀମାନେ ପାରମ୍ପରିକ ମହୁରି ବାଦ୍ୟର ତାଳେ ତାଳେ ନୃତ୍ୟ



ମଣ୍ଡେଇ ଯାତ୍ରାରେ ଉପସ୍ଥିତ ଜନସାଧାରଣ ।

କରିଥିଲେ। ମଣ୍ଡେଇ ବଜାରରେ ଶହ ଶହ ଜନସାଧାରଣ ଯୋଗ ଦେଇ ବିଭିନ୍ନ ସଉଦା ତଥା ଖେଳଣା କିଣିଥିଲେ । ଯୁବତୀଯୁବକମାନେ ମଣ୍ଡେଇରେ ଯୋଗଦେଇ ସେମାନଙ୍କ ମନର ଭାବର ଆଦାନପ୍ରଦାନ କରିଥିଲେ। ଗ୍ରାମର ସମସ୍ତ ମହିଳା ପୁରୁଷ ଏକଜୁଟ ହୋଇ ମଣ୍ଡେଇ ଯାତ୍ରାକୁ ଉପଭୋଗ କରିଥିଲେ। ଗ୍ରାମରେ ପ୍ରତ୍ୟେକ ତିନିବର୍ଷରେ ଥରେ ପାରମ୍ପରିକ ମଣ୍ଡେଇ ଯାତ୍ରା ଦେବାଦେବୀଙ୍କ ଆଗମନ ହେଉଥିବାବେଳେ ଦେବୀ ତଥା କାଳସୀମାନେ ନିଜ ନିଜ ମଧ୍ୟରେ ଆଲିଙ୍ଗନ କରୁଥିବା ଦୃଶ୍ୟ ଦର୍ଶକଙ୍କୁ ବେଶ ଉତ୍ସାହ ଦେଉଥିଲା । ଏହି ମଣ୍ଡେଇ ଯାତ୍ରା କଲେ ଗ୍ରାମରେ ରୋଗବ୍ୟାଧି ନହେବା ସହ ଫସଲ ଭଲ ହୋଇଥାଏ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି।

# ଫନୀର ମୁକାବିଲା ନିମନ୍ତେ ବୈଠକ

ଡାବୁଗାଁ,୨ା୫ (ଡି.ଏନ.ଏ.)

ଘୂର୍ଣ୍ଣିଝଡ ଫନିର ମୁକାବିଲା ନିମନ୍ତେ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ରଞ୍ଜିତା ମେରୀ ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଘୂର୍ଣ୍ଣିଝଡ ଫନିର ପ୍ରଭାବରେ ବର୍ଷା ଓ ପବନର ଆଶଙ୍କା ଥିବାରୁ ଏହାର କିପରି ମୁକାବିଲା କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ପ୍ରତ୍ୟେକ ପଞ୍ଚାୟତ ଓ ଗ୍ରାମ ସ୍ତରରେ ସାମୟିକ ବାତ୍ୟା ଆଶ୍ରୟ ସ୍ଥଳ ଚୟନ, ଶୁଖିଲା ଖାଦ୍ୟ ଚୂଡା, ଗୁଡ, ଆବଶ୍ୟକୀୟ ସାମଗ୍ରୀ ମହମବତୀ ଓ ଦିଆସିଲି ମହଜୁଦ ରଖିବା, ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯିବା, ବର୍ଷା ଓ ପବନ ହେଲେ ରାସ୍ତାରେ ଗଛ ପଡି ରାସ୍ତା ଆବରୋଧ ହେଲେ ଗଛ ଗୁଡିକ ରାସ୍ତାରୁ ସଫା କରିବା ପାଇଁ ବନ ବିଭାଗ ଓ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗୁଡିକ ମହଜୁଦ ରଖିବା ପାଇଁ ଯୋଗାଣ ନିରିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବୈଠକରେ ବ୍ଲକ ନୋଡାଲ ଅଧିକାରୀ ତଥା ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ତହସିଲଦାର ସୁବାସ ସିଂ, ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ବିଧୁତ ଶେଖର ମିଶ୍ର, ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଦେବବ୍ରତ ପ୍ରସାଦ ଦାଶ, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ କର୍ମଜୀତ ଦାସ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପ୍ରଧାନ, ବନପାଳ ଲକ୍ଷ୍ମୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ବିଡିଓଙ୍କ ସହ ଅନ୍ୟମାନେ ।

# ଶ୍ରମିକ ଦିବସ ପାଳିତ



ସଭାରେ ଉପସ୍ଥିତ ଶ୍ରମିକମାନେ ।

ନବରଙ୍ଗପୁର,୨ା୫(ବି.ପ୍ର.)

ନବରଙ୍ଗପୁର ଜିଲା ନିର୍ମାଣ ଶ୍ରମିକ ତଥା ରାଜମିସ୍ତ୍ରୀ ସଂଘ ପକ୍ଷରୁ ଜିଲାସ୍ତରୀୟ ଶ୍ରମିକ ଦିବସ ପାଳିତ ହୋଇ ଯାଇଛି । ଜିଲାର ୧୬ଟି ଶାଖାର କର୍ମକର୍ତ୍ତା ସମେତ ସଭ୍ୟାସଭ୍ୟ ଏବଂ ଶ୍ରମିକମାନେ ଚାମୁରିଆଗୁଡା ନିକଟରେ ଏକତ୍ରିତ ହୋଇଥିଲେ। ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ସର୍କିଟ ହାଉସ ନିକଟ ପଡିଆରେ ସଭା କାର୍ଯ୍ୟ ହୋଇଥିଲା । ଜିଲା ସଭାପତି ବିପିନ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ବୈଠକରେ ଉପସଭାପତି ପର୍ଶୁରାମ ନାୟକ, ଫାଲଗୁନି ଟାକ୍ରି, କୋଷାଧ୍ୟକ୍ଷ ହୃଷିକେଶ ଖଣ୍ଡପାଣି, ଉପଦେଷ୍ଟା ଓକିଲ ସିରାଜ ଉଦ୍ଦିନ ଅହମ୍ମଦ , ନବରଙ୍ଗପୁର ବ୍ଲକ ସଂଘ ସଭାପତି ଅମିତ ପ୍ରଧାନ ଓ ଡାବୁଗାଁ ବ୍ଲକ ସଂଘ ସମ୍ପାଦକ ରାଜେସ ଜାନୀ ସମେତ ଶାଖାର କର୍ମକର୍ତ୍ତାମାନେ ମଞ୍ଚାସୀନ ଥିଲେ । ଶ୍ରମିକମାନଙ୍କ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ସମସ୍ତେ ସଙ୍ଗଠିତ ହୋଇ ଲଢିବାକୁ ପଡିବ । ଶ୍ରମିକମାନେ ନିଜ ନାମ ପଞ୍ଜିକରଣ କରିବା ସହ ସରକାରୀ ସହାୟତା ନିଜର ହକ ପାଇଁ ଦାବି କରିବାକୁ ମତ ରଖିଥିଲେ । ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ରାଜମିସ୍ତ୍ରୀ ସଂଘ ପାଇଁ ଜମି ଚିହ୍ନଟ, ଶ୍ରମ ବିଭାଗ କାର୍ଯ୍ୟାଳୟରେ ଖାଲି ପଡିରହିଥିବା ପଦବୀ ପୂରଣ, ପଞ୍ଜିକରଣ ଶ୍ରମିକ ମାନଙ୍କୁ ଚିହ୍ନଟ କରାଯାଇ ଗୃହ ଯୋଗାଇ ଦିଆଯାଉ ଓ ଅଟକଳ ମୂଲ୍ୟ ୩ ଲକ୍ଷଟଙ୍କା କରାଯିବାକୁ ଦାବି କରିଛନ୍ତି। ସେହିଭଳି ଶ୍ରମିକମାନଙ୍କ ଶିକ୍ଷା ସହାୟତା ଠିକ ସମୟରେ ଯୋଗାଇ ଦିଆଯାଉ । ମୃତ୍ୟୁ ଓ ପ୍ରସୂତି କାଳିନ ସହାୟତା ବର୍ଷ ବର୍ଷ ଧରି ପଡି ରହିଛି ତାହା ତୁରନ୍ତ ପୈଠ କରଯାଉ । ନିର୍ମାଣ ଶ୍ରମିକ ମାନଙ୍କ ସ୍ମାର୍ଟ କାର୍ଡ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମା କାର୍ଡ ଯୋଗାଇ ଦିଆଯାଉ । ପଞ୍ଜିକୃତ ଶ୍ରମିକ ମାନଙ୍କ ଦଖଲ ଜମିକୁ ପଟ୍ଟା ପ୍ରଦାନ କରାଯାଉ । ଶ୍ରମିକ ମାନଙ୍କ ସର୍ବନିମ୍ନ ମଜୁରୀ ୧୮ ହଜାର ଟଙ୍କା କରାଯାଉ । ୬୦ ବର୍ଷରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ୩ ହଜାର ଟଙ୍କା ପେନସନ ଦିଆଯାଉ ପ୍ରମୁଖ ଦାବି ରଖିଥିଲେ ।

# କାମତା ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା

ତେନ୍ତୁଳିଖୁଣ୍ଟି, ୨ା୫(ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କାମତା ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ନେଇ ବିଡିଓ ଅକ୍ଷମିତା କାର୍ତ୍ତିକ ୱାର୍ଡ ସ୍ତରୀୟ ସମୀକ୍ଷା କରିଛନ୍ତି। କାମତା ପଞ୍ଚାୟତର ୪ଟି ୱାର୍ଡର ୱାର୍ଡମେମ୍ବର ନ ଥିବା ବେଳେ ସରପଞ୍ଚଙ୍କ ଉପସ୍ଥିତିରେ ସମୀକ୍ଷା କରିଥିଲେ। ୧ ନଂ ୱାର୍ଡରେ କେତେ ଜଣ ମୋଟର ବ୍ୟବହାର କରି ପାଇପରୁ ପାଣି ନେଉଛନ୍ତି । ତେଣୁ ଅନ୍ୟମାନେ ପାଣି ଠିକ ଭାବେ ପାଇ ପାରୁ ନାହାନ୍ତି ବୋଲି କେତେ ଜଣ ଅଭିଯୋଗ କରିଥିଲେ। ଏଥିପାଇଁ ଗ୍ରାମବାସୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା। ହରି ବେପାରୀ, ନକୁଳ ଟାକ୍ରି, ବନମାଳୀ ବାଘ, ମହେନ୍ଦ୍ର ବାଘ, ଜନଶନ ହିଆଲ, ସଦୀ ଛାତି ପ୍ରମୁଖ ସଦସ୍ୟ ପ୍ରତ୍ୟେକ ୱାର୍ଡ ବୁଲି କେତେ ଜଣ ମୋଟର ବ୍ୟବହାର କରି ପାଣି ନେଉଛନ୍ତି ତାର ରିପୋର୍ଟ ଶୁକ୍ରବାର ସୁଦ୍ଧା ଦେବାକୁ ବିଡିଓ କହିଥିଲେ। ଆବଶ୍ୟକ ସ୍ଥଳେ ପୋଲିସ ଦ୍ୱାରା ସେମାନଙ୍କ ଘରୁ ମୋଟର ଜବତ କରାଯିବ ବୋଲି କହିଥିଲେ। ପାଇପ ଯୋଗେ ପାଣି ଯୋଗାଣ କରୁଥିବା ଗୌର ନାୟକ କାର୍ଯ୍ୟରେ ଅବହେଳା କରୁଥିବାରୁ ତାଙ୍କ ସ୍ଥାନରେ ନୂତନ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। କାମତା ଠାରୁ ପରଜା କାମତାକୁ ପାଣି ବ୍ୟବସ୍ଥା କରାଯିବ। ୨ ନଂ ୱାର୍ଡ ସମତେ ଯେଉଁଠାରେ ନୂତନ ଷ୍ଟାଣ୍ଡ ପୋଷ୍ଟ ଆବଶ୍ୟକ ସେଠାରେ ନୂତନ ଭାବେ ଏହା ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଦେବକୀ ନାୟକଙ୍କ ଗ୍ରାମରେ ପାଣି ସମସ୍ୟା ନେଇ ଅଭିଯୋଗ ହେବାରୁ ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ ସହ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୃତୀବାସ ଭତ୍ରା, ଏସଇଓ ବଳରାମ ସୁନା ପ୍ରମୁଖ ଉପସ୍ଥିତ ଥିଲେ।



କାମତା ପଞ୍ଚାୟତରେ ବିଡିଓ ପାନୀୟ ଜଳ ବ୍ୟବସ୍ଥା ତଦାରଖ କରୁଛନ୍ତି।




## ଫନୀ ପାଇଁ ବୈଠକ

ଚନ୍ଦାହାଣ୍ଡି, ୨ା୫(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଭାଗୃହଠାରେ ଫନି ପାଇଁ ଏକ ପ୍ରସ୍ତୁତି ବୈଠକ ତହସିଲଦାର ହୃଦାନନ୍ଦ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସମ୍ଭାବ୍ୟ ପରିସ୍ଥିତିକୁ ମୁକାବିଲା କରିବା ଲାଗି ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସମସ୍ତ ବିଭାଗ ଆଲର୍ଟ ରହିବା ସହ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ତହସିଲଦାର ମାଝି ନିର୍ଦ୍ଦେଶ ଦେଇଛନ୍ତି । ରିଲିଫ ପାଇଁ ଚୁଡା, ଚାଉଳ, ଗୁଡ ଗଚ୍ଛିତ ରଖିବା ପାଇଁ ବ୍ଲକ ଯୋଗାଣ ଅଧିକାରୀଙ୍କୁ କୁହାଯାଇଛି । ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଦମକଳବାହିନୀ, ବିଦ୍ୟୁତ ବିଭାଗ, ମହିଳା ଓ ଶିଶୁ ବିଭାଗ ସମସ୍ତେ ସଜାଗ ରହିବା ପାଇଁ କୁହାଯାଇଥିଲା । ବୈଠକରେ ଜିପିଇଓ କାଳୁଚରଣ ନାୟକ, ବିଇଓ ହୃଦାନନ୍ଦ ସିଂ ମାଝି, ହିସାବ ରକ୍ଷକ ଓମପ୍ରକାଶ ଟପ୍ପୋ, ଯୋଗାଣ ନିରୀକ୍ଷକ ଅଜୟ କୁମାର ଦାଶ, ସମସ୍ତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ପ୍ରାଣୀ ଚିକିତ୍ସା ବିଭାଗରୁ ଜେଲି ପାଣିଗ୍ରାହୀ, ସମସ୍ତ ପିଇଓ, ଗ୍ରାମରୋଜଗାର ସେବକ ଓ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### କାଶୀନଗରରେ ଫନୀ ପାଇଁ ବ୍ୟାପକ ବ୍ୟବସ୍ଥା

କାଶୀନଗର,୨।୫(ଡି.ଏନ୍.ଏ.)-ଗଜପତି ଜିଲା କାଶୀନଗର ବ୍ଲକର ଲୋକଙ୍କ ମେରୁଦଣ୍ଡ ଗତ ତିତଲି ବାତ୍ୟାରେ ଭାଙ୍ଗିଯାଇଥିବା ବେଳେ ବର୍ତ୍ତମାନ ପୁଣି ଏକ ବାତ୍ୟା ଫନୀ ଆସିଛି । ଏହାକୁ ନେଇ ବ୍ଲକବାସୀ ଭୟଭୀତ ହୋଇପଡିଥିବା ବେଳେ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା କରାଯାଇଛି। ତଳିଆ ଅଞ୍ଚଳରୁ ଲୋକମାନଙ୍କୁ ଆଣି ବିଭିନ୍ନ ଆଶ୍ରୟସ୍ଥଳରେ ରଖାଯାଇ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ବୁଧବାର ୨୪ଟି କେନ୍ଦ୍ରରେ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ ୯୪ଟି ଆଶ୍ରୟସ୍ଥଳ ଖୋଲି ସେଠାରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ଲୋକମାନଙ୍କୁ ପ୍ରଦାନ କରାଯାଉଛି । ପ୍ରତେକ କେନ୍ଦ୍ରରେ ଚୁଡା, ଗୁଡ଼, ମହମବତି, ଦିଆସିଲି ଗଚ୍ଛିତ ରଖାଯାଇଛି । ଲୋକମାନଙ୍କୁ ନେବା ଆଣିବା ପାଇଁ ଗାଡିର ବ୍ୟବସ୍ଥା କରାଯାଇଛି । ୧୦ଜଣ ପ୍ରସୂତିଙ୍କୁ କାଇନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଗୁଆ ଆଣି ରଖାଯାଇଛି । ପ୍ରତ୍ୟେକ ପ୍ରାଣୀ ସହାୟକ କେନ୍ଦ୍ରରେ ଗୋଖାଦ୍ୟ ଓ ଔଷଧ ମହଜୁଦ ରଖାଯାଇଛି । ସେହପରି କାଶୀନଗର ଏନ୍ଏସିରେ ୩ଟି ଆଶ୍ରୟସ୍ଥଳରେ ରନ୍ଧାଖାଦ୍ୟ ମହଜୁଦ ରଖାଯାଇଛି । ପାଣି ଟ୍ୟାଙ୍କରର ବ୍ୟବସ୍ଥା କରାଯାଇଛି । ପାରଳାଖେମୁଣ୍ଡି ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ବାତ୍ୟା ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା ଅନୁସନ୍ଧାନ କରୁଛନ୍ତି । ବିଡିଓ ପ୍ରଣବ କୁମାର ବେହେରା , ଏବିଡିଓ ରାଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ।

### ବିଦ୍ୟୁତ୍ ଆଘାତରେ ମହିଳା ମୃତ

ପାରଳାଖେମୁଣ୍ଡି,୨।୫(ସ୍ୱ.ପ୍ର)- ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ରାଜସୀତାପୁର ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବର୍ଷାକୁ ଦୃଷ୍ଟିରେ ରଖି ରାଜସୀତାପୁର ଗାଁର ସୁକୁମାରୀ ପ୍ରଧାନ (୬୦) ଘର ଛାତ ଉପରକୁ ଯାଇଥିଲେ। ପବନରେ ସର୍ଭିସ ବିଦ୍ୟୁତ ତାର ଛିଣ୍ଡି ଛାତ ଉପରେ ପଡିଥିଲା। ସୁକୁମାରୀ ବିଦ୍ୟୁତ ତାର ସମ୍ପର୍ଶରେ ଆସି ଯାଇଥିଲେ। ପରିବାର ଲୋକ ତାଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା

### କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ପାରଳାଖେମୁଣ୍ଡି, ୨।୫ (ସ୍ୱ.ପ୍ର.) -ସିବିଏସଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ବେତାଗୁଡାଠାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି । ୧୭ ଜଣ ବିଜ୍ଞାନ ଓ ୭ ଜଣ ବାଣିଜ୍ୟ ବିଭାଗରେ ମୋଟ ୨୪ ଜଣ ପରୀକ୍ଷା ଦେଇଥିଲେ । ଏମାନଙ୍କ ମଧ୍ୟରୁ ୩ ଜଣ ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ପାସ ହୋଇଥିବା ବିଦ୍ୟାଳୟ ଅଧକ୍ଷ କେ. ଜୟଲକ୍ଷ୍ମୀ ରାଜୁ ପ୍ରକାଶ କରିଛନ୍ତି । ଏହି ସଫଳତା ପାଇଁ ଅଭିଭାବକ ମହଲରୁ ପ୍ରଶଂସା କରାଯାଇଛି ।

### ବିପଦପୂର୍ଣ୍ଣ ସ୍ଥିତିରେ ଥିବା ଗଛଡାଳ କଟାଗଲା

କୋରାପୁଟ, ୨।୫(ସ୍ୱ.ପ୍ର.)ଘୂର୍ଣ୍ଣିଝଡ଼ ଫନୀ ପ୍ରଭାବରେ କୋରାପୁଟ ଆକାଶ ମେଘାଚ୍ଛନ୍ନ ହୋଇଛି। ଗୁରୁବାର କେତେକ ସ୍ଥାନରେ ଝିପିଝିପି ବର୍ଷା ମଧ ଆରମ୍ଭ ହୋଇଛି । ସେହିପରି ଫନିକୁ ଦୃଷ୍ଟିରେ ରଖି ସ୍ଥାନୀୟ ମ୍ୟୁନିସପାଲିଟି କର୍ତ୍ତୃପକ୍ଷ, ଓଡ୍ରାଫ ଓ ସାଉଥକୋ ପକ୍ଷରୁ ଗୁରୁବାର କୋରାପୁଟ ସହରର ମୁଖ୍ୟରାସ୍ତାରେ ବିପଦସଙ୍କୁଳ ଭାବେ ଥିବା ଗଛର ଡାଳ କଟାଯାଇଛି।

■ ପାରଳା ପ୍ରସିଦ୍ଧ ଗଜାମୁହାଁ ଯାତ୍ରା

# ପାରିବାରିକ ସଫଳତା, ରୋଗବ୍ୟାଧିରୁ ମୁକ୍ତିର ପର୍ବ

ପାରଳାଖେମୁଣ୍ଡି,୨।୫(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସହରର ପାରମ୍ପରିକ ପର୍ବ ମଧ୍ୟରେ ଚୈତ୍ର-ବୈଶାଖ ମାସରେ ଅନୁଷ୍ଠିତ ହେଉଥିବା ଗଜାମୁହାଁ ଯାତ୍ରା ବେଶ୍ ସୁପରିଚିତ। ପୁରାତନ କାଳରୁ ପାଳିତ ହୋଇଆସୁଥିବା ଏହି ପାରମ୍ପରିକ ଲୋକ ସଂସ୍କୃତିର ପର୍ବ ଗଜାମୁହାଁ ଏବେକାର ଆଧୁନିକତା ଭିତରେ ମଧ୍ୟ ସ୍ୱତନ୍ତ୍ରତା ରହିଛି। ଏହି ଅବସରରେ ସହରର ବିଭନ୍ନ ସାହିରେ ବିଭିନ୍ନ ନାମରେ ନାମିତ ହେଉଥିବା ମା' ଠାକୁରାଣୀଙ୍କ ଗଜାମୁହାଁ ଯାତ୍ରା ବେଶ୍ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହେଉଛି । ଚୈତ୍ରମାସର ୪ଟି ମଙ୍ଗଳବାରରେ ଏହି ପର୍ବ ମୁଖ୍ୟତଃ ପାଳନ ହୋଇଥିଲେ ମଧ୍ୟ ମାନସିକଧାରୀ କେତେକ କାରଣକୁ ନେଇ ବୈଶାଖୀ ମାସର ମଙ୍ଗଳବାର ବାଜା ନୃତ୍ୟଗୀତ ସହ ପାଳନ କରିଥାନ୍ତି । ଏଥିପାଇଁ ଅନୁଷ୍ଠିତ ହେଉଥିବା ଶୋଭାଯାତ୍ରାରେ ପୁଅଝିଅ, ମା-ଭଉଣୀ ଭାଗନେଇ ନଗର ପରିକ୍ରମା କରି ପରଦିନ ସକାଳେ ସହରର ଗ୍ରାମଦେବୀ ନୀଳିମା' ଠାକୁରାଣୀ ମନ୍ଦିରରେ ବିସର୍ଜନ କରିଥାନ୍ତି । ତେବେ ଏହି ଗଜାମୁହାଁ ପର୍ବ ପାଳନ କଲେ ସମସ୍ତ ପରିବାରକୁ ସୁଫଳ



ମା'ଙ୍କ ପ୍ରତିମାକୁ ଶୋଭାଯାତ୍ରାରେ ନିଆଯାଉଛି ।

ମିଳିବା ସହ ରୋଗବ୍ୟାଧି ଦୂର ହୋଇଥାଏ ବୋଲି ଏକ ପୌରାଣିକ ଏବଂ ଆଧ୍ୟାତ୍ମିକ ବିଶ୍ୱାସ କାହିଁ କେତେ ଯୁଗରୁ ରହି ଆସିଛି । ପ୍ରତିବର୍ଷ ଏହି ପର୍ବ ରାମନଗର, କଟିକିଆ ସାହି, ଶ୍ରୀକରଣ ସାହି, ରାଜଗୁରୁ ସାହି, ପାରଳା ସାହି ସମେତ ବିଭିନ୍ନ ସାହିରେ ଅନୁଷ୍ଠିତ ହୋଇଥାଏ । ଏପରି ଏକ ବିଶେଷ ମୂହୂର୍ତ୍ତରେ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ତଥା ପାରଳାଖେମୁଣ୍ଡି ସ୍ୱାଭିମାନ ମଞ୍ଚର ଆବାହକ ଡ. ତିରୁପତି ପାଣିଗ୍ରାହୀ ଗଜାମୁହାଁ ପର୍ବରେ ପହଞ୍ଚି ମା'ଙ୍କୁ ନିଜ ମୁଣ୍ଡରେ ଧରି ମାନସିକ କାମନା କରିଥିଲେ। ଗଜାମୁହାଁ ଯାତ୍ରାର ଏକ ବିଶେଷ ଗୁରୁତ୍ୱ ହେଲା ନିଜ ନିଜ ସାହିରେ ଥିବା ମା' ଠାକୁରାଣୀଙ୍କ ଭଳି ଏକ ମୁହାଁରେ ତିଆରି ପ୍ରତିମା ନିର୍ମାଣ କରାଯାଇଥାଏ । ଏହି ପର୍ବ ପାଇଁ ପରିବାର ନିଜର ବନ୍ଧୁବାନ୍ଧବଙ୍କୁ ଦୂରଦୂରାନ୍ତର ସ୍ଥାନରୁ ନିମନ୍ତ୍ରଣ କରି ଡାକିଥାନ୍ତି । ଏହାପରେ ଏହାକୁ ବିଭିନ୍ନ ରୂପରେ ସାଜସଜା କରିଥାନ୍ତି । ଏହି ପରମ୍ପରା ପାରଳାଖେମୁଣ୍ଡି ସହରକୁ ଏକ ସଂସ୍କୃତିସମ୍ପନ୍ନ ସହରରେ ଗଢିତୋଳିବା ପାଇଁ ବେଶ୍ ସହାୟକ ହୋଇପାରିଛି । ଏହାସହ ଏହା ଏକ ଭାଇଚାରାର ପର୍ବ ବୋଲି ମଧ୍ୟ ବିବେଚିତ ହୋଇଥାଏ । କାରଣ ପାରଳାଖେମୁଣ୍ଡି ସହରରେ ଉଭୟ ଦ୍ୱିଭାଷୀ ତଥା ଓଡିଆ ଓ ତେଲୁଗୁ ସମ୍ପ୍ରଦାୟର ଲୋକେ ମିଳିମିଶି ଏହି ପର୍ବକୁ ପାଳନ କରିଥାନ୍ତି ।

# କଡ଼ା ସୁରକ୍ଷାରେ ସ୍ଥାନାନ୍ତର ହେଲା ଇଭିଏମ



ଇଭିଏମକୁ ସ୍ଥାନାନ୍ତର କରାଯାଉଛି ।

ପାରଳାଖେମୁଣ୍ଡି,୨।୫(ସ୍ୱ.ପ୍ର.)

ନିର୍ବାଚନ ପରେ ୫୭୩ ଇଭିଏମ୍ ଓ ୫୭୩ ଭିଭିପାଟ ମେଶିନକୁ ପାରଳାଖେମୁଣ୍ଡି ସହରର ସ୍ଥାନୀୟ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟଠାରେ ରଖାଯାଇଥିଲା। ଫନୀ ଯୋଗୁ ପବନ ବର୍ଷା ହେବାର ସମ୍ଭାବନା ଥିବାରୁ ଗୁରୁବାର ଉକ୍ତ ମେଶିନଗୁଡିକୁ କଡ଼ା ସୁରକ୍ଷାରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ନିକଟରେ ଥିବା ନୂତନ ଗୃହକୁ ସ୍ଥାନାନ୍ତର କରାଯାଇଛି । ଗଜପତି ଜିଲାପାଳ ତଥା ନିର୍ବାଚନ ଅଧିକାରୀ ଅନୁପମ ସାହା, ଜିଲା ଆରକ୍ଷୀ ଅଧୀକ୍ଷକ ସାରା ଶର୍ମା ଏବଂ ନିର୍ବାଚନରେ ଅଂଶ ଗ୍ରହଣ କରିଥିବା ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କ ଉପସ୍ଥିତିରେ ଏହାକୁ ସ୍ଥାନାନ୍ତରିତ କରାଯାଇଥିଲା । ଏହି ସମୟରେ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ ଠାରୁ ଆରମ୍ଭ କରି ବାଟଗୌଡ ସାହି ଛକ, ଗୋଲାସାହି ଛକ, ଫାୟାର ଷ୍ଟେଶନ ଛକ ଏବଂ ଆର୍‌ଟିଓ ଅଫିସ ଛକ ଆଦି ସ୍ଥାନରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା ।

# ୧୧୩ ଆଶ୍ରୟସ୍ଥଳୀରେ ୭୫୯୩ ଲୋକ

ରାୟଗଡ଼(ଗଜପତି)/ଗୁମ୍ମା, ୨।୫(ଡି.ଏନ୍.ଏ.)

ତିତିଲିରେ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିବା ଗଜପତି ଜିଲା ରାୟଗଡ଼ ବ୍ଲକ ଲୋକମାନେ ବାତ୍ୟା ଫନୀ ପାଇଁ ଘରଦ୍ୱାର ଛାଡି ପ୍ରଶାସନ ପକ୍ଷରୁ ଖୋଲାଯାଇଥିବ ଆଶ୍ରୟସ୍ଥଳି ମୁହାଁ ହୋଇଛନ୍ତି। ଲୋକଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସୁରକ୍ଷା ଯୋଗାଇ ଦେବାକୁ ବ୍ଲକ ପ୍ରଶାସନ ପ୍ରସ୍ତୁତ ରହିଛି। ବ୍ଲକ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲଯାଇଛି। ପଞ୍ଚାୟତସ୍ତରରେ ଟିମ୍ ଗଠନ କରାଯାଇ ସମସ୍ତ କର୍ମଚରୀଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ବିଡ଼ିଓ ଲୁକାସ ପ୍ରଧାନ କହିଛନ୍ତି। ଗୁରୁବାର ବ୍ଲକର କେରାଣ୍ଡି, ଗଙ୍ଗାବାଡ଼, କଇଁପୁର ଓ ଲକ୍ଷ୍ମୀପୁର ଆଦି ଅଞ୍ଚଳରେ ପ୍ରବଳ ବର୍ଷା ପବନ ହେଉଛି। ପ୍ରଶାସନ ପକ୍ଷରୁ ୨୧ଟି ପଞ୍ଚାୟତରେ ୬୦ଟି ଆଶ୍ରୟସ୍ଥଳୀରେ ୬୮୬୧ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେମାନଙ୍କୁ ରନ୍ଧା ଓ ଶୁଖିଲା ରନ୍ଧାଖାଦ୍ୟ



ବାତ୍ୟା ଆଶ୍ରୟସ୍ଥଳୀରେ ରାୟଗଡ଼ ବ୍ଲକ ପୁତାର ପଞ୍ଚାୟତ ବୁରାସିଂ ଗ୍ରାମବାସୀ।

ଦିଆଯାଇଛି। କଇଁପୁରରେ ୭ଜଣ, ଜିରାଙ୍ଗରେ ୮ଜଣ ଓ ଉମ୍ବାପୁରର ୧୦ଜଣ ଗର୍ଭବତୀଙ୍କୁ ମା' ଗୃହକୁ ସ୍ଥାନାନ୍ତର କରାଯାଇଛି। ସେହିଭଳି ରାୟଗଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩୨ଜଣଙ୍କୁ ଥଇଥାନ କରାଯାଇ ଚିକିତ୍ସା କରାଯାଉଥିବା ନେଇ ଚିକିତ୍ସାଧିକାରୀ ଡା.ଗିରିଜା ପତି କହିଛନ୍ତି। ସେହିପରି ଗଙ୍ଗାବାଡ ପଞ୍ଚାୟତକୁ ଆର୍‌ବିଏସ୍‌କେ ଓ ଏମ୍ଏଚ୍ୟୁର ଦୁଇଟି ଟିମ୍ ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ସେହିଭଳି ଫନୀ ପାଇଁ ଗୁମ୍ମା ବ୍ଲକ ପ୍ରଶାସନ ମଧ୍ୟ ସମସ୍ତ ପ୍ରକାର ପ୍ରସ୍ତୁତ ରହିଛି। ବ୍ଲକର ୨୦ ପଞ୍ଚାୟତରେ ୫୩ ଆଶ୍ରୟସ୍ଥଳୀ କରାଯାଇ ୭୩୨ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ବାତ୍ୟାକୁ ନଜରରେ ରଖି ୪୯୦୦ କୁଇଣ୍ଟାଲ ଚାଉଳ ଷ୍ଟକ ରଖାଯାଇଛି। ପ୍ରତି ପଞ୍ଚାୟତରେ ଆବଶ୍ୟକ ପରିମାଣର କ୍ୟାଣ୍ଡେଲ, ଶୁଖିଲା ଖାଦ୍ୟ ମଧ୍ୟ ମହଜୁଦ ରଖାଯାଇଛି ବୋଲି ସୂଚନା ମିଳିଛି। ସେହିଭଳି କୁଜାସିଂ, ନାମନଗୁଡ଼ାରେ ହାଇ ଆଲର୍ଟ ଜାରି କରାଯାଇଛି।

## କୋରାପୁଟ ବ୍ଲକର ୪ ଗାଁ ଅସୁରକ୍ଷିତ

କୋରାପୁଟ,୨।୫(ସ୍ୱ.ପ୍ର.)

ଫନୀ ପ୍ରଭାବରେ କୋରାପୁଟ ବ୍ଲକର ୪ଟି ଗ୍ରାମ ଅସୁରକ୍ଷିତ ଚିହ୍ନଟ କରାଯାଇଛି। ଗୁରୁବାର ବ୍ଲକ ପ୍ରଶାସନ ମାଇକ ଯୋଗେ ସମସ୍ତ ପଞ୍ଚାୟତବାସୀଙ୍କୁ ସଚେତନ କରିଛି। ବିଡିଓ ନରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଜିପିଓ ସୁରେଶ ହୋତା ଓ ସମସ୍ତ ବ୍ଲକ କର୍ମଚାରୀ ବ୍ଲକ ଅଧୀନରେ ଥିବା କେନ୍ଦାର, ମହାଦେଇପୁଟ, ମାନାବାର, ମସ୍ତିପୁଟ ପଞ୍ଚାୟତକୁ ଯାଇ ମାଇକ ଯୋଗେ ଫନୀ ପାଇଁ ପ୍ରତିକାର ଓ ସତର୍କତା ବିଷୟରେ ସୂଚନା ଦିଆଯାଇଛି। ଆବଶ୍ୟକ ହେଲେ ସ୍ଥାନୀୟ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଆଶ୍ରୟ ନେବା ପାଇଁ ପରାମର୍ଶ ଦିଆଯାଇଛି। କୌଣସି ଅସୁବିଧା ହେଲେ ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀଙ୍କୁ ଜଣାଇବାକୁ କୁହାଯାଇଛି। କୋରାପୁଟ ବ୍ଲକର ୪ଟି ଗ୍ରାମକୁ ଅସୁରକ୍ଷିତ ଥିବା ଚିହ୍ନଟ କରାଯାଇଥିବାବେଳେ ସେଥିରେ ପଦ୍ମପୁର ପଞ୍ଚାୟତର ଖାଲପଦର ଗ୍ରାମବାସୀଙ୍କ ପାଇଁ ପ୍ରାଥମିକ ବିଦ୍ୟାଳୟ, ମହାଦେଇପୁଟ ପଞ୍ଚାୟତର ଲାଲଗୁଡ଼ା ଗ୍ରାମବାସୀଙ୍କୁ ଡେଲିଆମ୍ବ ସ୍କୁଲ, ବଡ଼ସୁକୁ ପଞ୍ଚାୟତର କୋଲାବ ନଦୀପାର୍ଶ୍ୱ, ସିରିସି ଗ୍ରାମବାସୀଙ୍କୁ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡୁମୁରିପଦର ପଞ୍ଚାୟତର ମାଳିଚଲାର ଗ୍ରାମବାସୀଙ୍କୁ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେବା ପାଇଁ ବ୍ଲକ ନିର୍ଦ୍ଦେଶ ଦେଇଛି। ଏହି ୪ଟି ସ୍ଥାନରେ ରନ୍ଧାଖାଦ୍ୟ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

# ଫନୀ ପ୍ରଭାବରେ ବର୍ଷା

- ବାତ୍ୟା ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି
- ୨୫,୯୩୫ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର
- ୧୮୨ ଗର୍ଭବତୀଙ୍କୁ ମା'ଗୃହକୁ ସ୍ଥାନାନ୍ତର

ପାରଳାଖେମୁଣ୍ଡି, ୨।୫ (ସ୍ୱ.ପ୍ର.)

ଗଜପତି ଜିଲାରେ ଫନୀ ପ୍ରଭାବରେ ଗୁରୁବାର ଠାରୁ ବର୍ଷା ଆରମ୍ଭ ହୋଇଛି। ବର୍ଷା ସହ ପବନ ମଧ୍ୟ ସାମାନ୍ୟ ବେଗରେ ବୋହୁଥିବାର ଦେଖିବାକୁ ମିଳିଛି । ଶୁକ୍ରବାର ଏହା ତୀବ୍ର ରୂପ ଧାରଣ କରିବ ବୋଲି ପାଣିପାଗ ସୂତ୍ରରୁ ଜଣାପଡିଛି। ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ମଧ୍ୟ ଜୋରଦାର କରାଯାଇଛି। ମୋଟ ୨୭,୦୮୧ ବ୍ୟକ୍ତିଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବାକୁ ଥିବା ବେଳେ ସନ୍ଧ୍ୟା ସୁଦ୍ଧା ମୋଟ ୨୫ହଜାର ୯୩୫ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ଜିଲାରେ ମୋଟ ୨୫୭ଟି ବାତ୍ୟା ଆଶ୍ରୟସ୍ଥଳ ରହିଥିବା ବେଳେ ମୋଟ ୮୮ଟି ଆଶ୍ରୟସ୍ଥଳରେ ବର୍ତ୍ତମାନ ଉଦ୍ଧାର କରାଯାଇଥିବା ଲୋକଙ୍କୁ ରଖାଯାଇଛି । ସେହିପରି ଜିଲାରେ ଚିହ୍ନଟ କରାଯାଇଥିବା ୨୦୧ ଗର୍ଭବତୀଙ୍କ ମଧ୍ୟରୁ ୧୮୨ ଜଣଙ୍କୁ ମା'ଗୃହକୁ ସ୍ଥାନାନ୍ତରିତ କରାଯାଇଛି । ଜିଲାରେ ମୋଟ ୨୫୦ ଜଣଙ୍କୁ ସମସ୍ତ ବ୍ଲକ ଏବଂ ପୌରପରିଷଦ ଠାରେ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରେ କାର୍ଯ୍ୟକରିବା ସକାଶେ ସରକାରଙ୍କ ପକ୍ଷରୁ ନିୟୋଜିତ କରାଯାଇଛି । ପ୍ରତ୍ୟେକ ପଞ୍ଚାୟତରେ ଆଶ୍ରୟସ୍ଥଳୀ ପାଇଁ ନୋଡାଲ ଅଧିକାରୀମାନେ ନିଯୁକ୍ତି ହୋଇଛନ୍ତି । ମୋଟ ୫ହଜାର ମହମବତୀ ଓ ୯୦ହଜାର ପାଣି ପକେଟ ଗଚ୍ଛିତ ରଖାଯାଇଥିବାର ସୂଚନା ମିଳିଛି । ଏହା ସହ ଅତ୍ୟାବଶ୍ୟକ ସାମଗ୍ରୀ ଗୁଡିକ ମଧ୍ୟ ମହଜୁଦ ରଖାଯାଇଛି । ପ୍ରଶାସନ ପକ୍ଷରୁ ଶତାଧିକ ଗାଡି ମଧ୍ୟ ବାତ୍ୟା ମୁକାବିଲା କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଥିବା ଜଣାପଡିଛି । ତେବେ ଏହି ସବୁ କାର୍ଯ୍ୟର ତଦାରଖ କରିବା ନିମନ୍ତେ ଗୁରୁବାର ସନ୍ଧ୍ୟାରେ ଆଇଜି ଏସ୍.ଆର୍. ୱାଇ. କୋଏଲ୍ ପାରଳାଖେମୁଣ୍ଡି ଠାରେ ପହଞ୍ଚିଛନ୍ତି । ସେହିଭଳି ଖବର ଲେଖା ହେବା ସୁଦ୍ଧା ଅନୁନ୍ୟ ୧୯ଟି ଓଡ୍ରାଫ୍ ଟିମ୍‌କୁ ଗୋଷାଣୀ ବ୍ଲକ ଅଭିମୁଖେ ପଠାଯାଇଥିବାବେଳେ ୨୨ଟି ଏନ୍‌ଡିଆର୍‌ଏଫ୍ ଟିମ୍ ପାରଳାଖେମୁଣ୍ଡିରେ ପହଞ୍ଚିଛନ୍ତି । ସେମାନଙ୍କୁ ପର୍ଯ୍ୟାୟ କ୍ରମେ ଜିଲାର ବିଭିନ୍ନ ସ୍ଥାନକୁ ପଠାଯାଉଥିବାର ଜଣାପଡିଛି ।

# ଆଇନ କାର୍ଯ୍ୟବିଧି ବ୍ୟବସ୍ଥା କର୍ମଶାଳା

ପାରଳାଖେମୁଣ୍ଡି,୨।୫(ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସ୍ଥିତ ଆନ୍ଧ୍ର ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଫୌଜଦାରୀ କାର୍ଯ୍ୟବିଧି ଆଇନରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥା ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଦୌରାଜଜ୍ ବିଶ୍ୱଜିତ ଦାଶ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସାମ୍ବିଧାନିକ ଅଧିକାର ଓ ସିଆର୍‌ପିସିର ବିଭିନ୍ନ ଧାରା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲାଜଜ୍ ଅରୁଣ କୁମାର ସାହୁ, ପ୍ରାଧିକରଣ ସଂପାଦିକା ଦିପା ଦାଶ, ଏସ୍‌ଡିଜେଏମ୍ ଚକ୍ରାହାସ ବେହେରା, ଜେଏମ୍‌ଏଫ୍‌ସି ସୁମିତ୍ରା ଦାଶ, ପ୍ରଜ୍ଞା ପାରମିତା ସ୍ୱାଇଁ, ବାର୍ ଆସୋସିଏସନର





କର୍ମଶାଳାରେ ଉପସ୍ଥିତ ଅତିଥିମାନେ ।

ରାମନାଥ ମିଶ୍ର ଯୋଗ ଦେଇଥିଲେ । ବାର୍ ଉପସଭାପତି କୃଷ୍ଣ ମୋହନ ପଟ୍ଟନାୟକଙ୍କ ସମେତ ଆଇନଜୀବୀ ଅଶୋକ ପାଣିଗ୍ରାହୀ, ଏନ୍. ଈଶ୍ୱର ପ୍ରସାଦ, ହୀରାଚାନ୍ଦ, ପିପି ଭି.ଏସ୍.ଏନ୍. ରାଜୁ, ସ୍ୱତନ୍ତ୍ର ପିପି ଆର୍. ଜନାର୍ଦ୍ଦନ ରାଓ, ଜଗାରାଓ ଯୋଗ ଦେଇଥିଲେ । ଆୟୋଜିତ କର୍ମଶାଳାରେ ସମସ୍ତ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ, ବହୁ ଥାନାର ଅଧିକାରୀଙ୍କ ସମେତ ପାରଳାଖେମୁଣ୍ଡି ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, କାରାଗାର ଅଧୀକ୍ଷକ ଯୋଗ ଦେଇଥିଲେ । ପ୍ରାଧିକରଣ ତରଫରୁ ଆଦୃତ ବହୁ ଜନହିତକାରୀ ଯୋଜନା ଓ ସିଆର୍‌ପିସିର ବିଭିନ୍ନ ଧାରା ଉପରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀ କର୍ମଶାଳାରେ ଉପସ୍ଥିତ ରହି ମତ ରଖିଥିଲେ । ଶେଷରେ ପ୍ରୋବେସନ୍ ବିଚାର ବିଭାଗୀୟ ଅଧିକାରୀ ଅଙ୍କିତା ଗୁରୁ ଧନ୍ୟବାଦ ଦେଇଥିଲେ ।

■ ଫନୀ ପ୍ରଭାବରେ ହୋଇଥିବା ବୃଷ୍ଟି ରେକର୍ଡ଼

# ଜିଲାରେ ହାରାହାରି ବୃଷ୍ଟି ୨୧.୨୧ ଏମ୍ଏମ୍

ପାରଳାଖେମୁଣ୍ଡି,୨।୫(ସ୍ୱ.ପ୍ର.)

ଗଜପତି ଜିଲାରେ ସାମୁଦ୍ରିକ ଝଡ଼ ଫନିର ପ୍ରଭାବରେ ଗୁରୁବାର ସନ୍ଧ୍ୟା ୬.୩୦ ମିନିଟ ସୁଦ୍ଧା ବୃଷ୍ଟିପାତର ପରିମାଣ ରେକର୍ଡ଼ କରାଯାଇଛି। ମୋହନା ବ୍ଲକରେ ୩୩.୦୬ ଏମ୍ଏମ୍, ଗୋଷାଣୀ ବ୍ଲକରେ ୨୪.୦୪, କାଶୀନଗର ବ୍ଲକରେ ୩.୦୮ ଏମ୍ଏମ୍, ଗୁମ୍ମା ବ୍ଲକ ୧୧.୦୦ ଏମ୍ଏମ୍, ରାୟଗଡ଼ ବ୍ଲକ ୧୧.୦୦ ଏମ୍ଏମ୍, ନୂଆଗଡ଼ ବ୍ଲକ ୩୮.୦୦, ଆର୍. ଉଦୟଗିରି ବ୍ଲକରେ ୪୧.୦୪ ଏବଂ ପୌର ପରିଷଦ ପାରଳାଖେମୁଣ୍ଡିରେ ୦୬.୫ ଏମ୍ଏମ୍ ରହିଛି। ସମୁଦାୟ ବୃଷ୍ଟିପାତ ୧୬୯.୭ ଏମ୍ଏମ୍ ରେକର୍ଡ ହୋଇଥିବାବେଳେ ସମଗ୍ର ଜିଲାରେ ଆନୁମାନିକ ହାରାହାରି ବୃଷ୍ଟିପାତ ୨୧.୨୧ ରହିଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଶ୍ରମିକ ଦିବସ ପାଳିତ

ପାରଳାଖେମୁଣ୍ଡି, ୨।୫ (ସ୍ୱ.ପ୍ର.) –

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଜିଲା କୋର୍ଟ ପରିସରରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଗଜପତି ଜିଲା ଓ ଦୌରାଜଜ୍ ବିଶ୍ୱଜିତ ଦାସ ଯୋଗ ଦେଇ ଶ୍ରମିକ ଦିବସ ପାଳନର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଜଜ୍ ଅରୁଣ କୁମାର ସାହୁ, ପ୍ରାଧିକରଣର ସମ୍ପାଦିକା ଦିପା ଦାସ, ସବ୍‌ଜଜ୍ ବୋମକେଶ ନାୟକ, ଜେ.ଏମ୍.ଏଫ୍.ସି. ସୁମିତ୍ରା





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

କୁମାରୀ ଦାଶ, ପ୍ରଜ୍ଞା ପରିମିତା ସ୍ୱାଇଁ ଏବଂ ପ୍ରବେସନ ବିଚାର ବିଭାଗୀୟ ଅଧିକାରୀ ବନିଲ କୁମାରୀ ଖଟେଇ, ଅଙ୍କିତା କୁମାରୀ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରମିକଙ୍କ ଉନ୍ନୟନ ତଥା ଜନକଲ୍ୟାଣ କାରୀ ଯୋଜନା, ଶ୍ରମିକଙ୍କ ପାଇଁ ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ଅତିଥିମାନେ କହିଥିଲେ । ବରିଷ୍ଠ ଓକିଲ ତଥା ପାରଳାଖେମୁଣ୍ଡି ଓକିଲ ସଂଘ ସଭାପତି ରାମନାଥ ମିଶ୍ର ଏବଂ ଅଲ ଓଡିଶା ମଜଦୁର ୟୁନିୟନ ସଂଘର ସଭାପତି ଜେନା ସୁବାସ ଚନ୍ଦ୍ର ରାଓ ଉପସ୍ଥିତ ରହି ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ ଓ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ କିଭଳି ଆଇନ ସହାୟକ ହୋଇପାରୁଛି ସେ ନେଇ କହିଥିଲେ । ଏଥିରେ ପାରଳାଖେମୁଣ୍ଡିର ବହୁ ଶ୍ରମିକ ସମେତ ସାଧାରଣ ଜନତା ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକୁ ଜିଲା ଆଇନ ସେବା ପ୍ରାଧିକରଣର କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ବିଶ୍ୱ ଶ୍ରମିକ ଦିବସ ପାଳିତ

ପାରଳାଖେମୁଣ୍ଡି,୨।୫(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ବିଭିନ୍ନ ସଂଗଠନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ପାରଳାଖେମୁଣ୍ଡି ମୋଟର ୟୁନିୟନ ତରଫରୁ ସଭାପତି ପି. କ୍ରିଷ୍ଣାଙ୍କ ନେତୃତ୍ୱରେ ନୂଆ ବସ୍‌ଷ୍ଟାଣ୍ଡରୁ ଏକ ବିଶାଳ ରାଲି ବାହାରି ଗାନ୍ଧୀଛକ, ରାଜଦାଣ୍ଡ ଛକ, ହାଇସ୍କୁଲ ଛକ, ବଜାର ଛକ ସହ ବିଭିନ୍ନ ସ୍ଲୋଗାନ ଓ ପ୍ଲାକାର୍ଡ ଧରି ନଗର ପରିକ୍ରମା କରିଥିଲେ । ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡିର ପୂର୍ବତନ ପୌରାଧକ୍ଷ ନୃସିଂହ ଚରଣ





ଶ୍ରମିକ ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା ।

ପଟ୍ଟନାୟକ, ସିଟୁର ଜିଲା ସଭ୍ୟ ଟି. ଭୂପତି, ସାଧାରଣ ସମ୍ପାଦକ ପି. ସିହ୍ମାଦ୍ରି, ସଂଗଠନର ଆଇନ ଉପଦେଷ୍ଟା କାଶୀନାଥ ଦାସ, ଉପଦେଷ୍ଟା କେ. ନରସିଂହ ରାଓ, ମଜୁରିଆ ସଂଘର ସଭାପତି ପି. ନାଗା, ଜି. ତ୍ରିନାଥ ଯୋଗଦେଇ ଶ୍ରମିକ ଦିବସର ଲକ୍ଷ୍ୟ, ଅଧିକାର ଉପରେ ଆଲୋଚନା କରିଥିଲେ ।

# ନୂତନ ରେଡ଼ମଣ୍ଡ ପଣ୍ଡ ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ଟିକିରି, ୨।୫ (ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକସ୍ଥିତ ଉତ୍କଳ ଆଲୁମିନା କାରଖାନାର ଟିକରପଡାଠାରେ ନୂତନ ରେଡ଼ମଣ୍ଡ ପଣ୍ଡ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ ବିନା ଆଲୋଚନାରେ କମ୍ପାନୀ ଏହା ନିର୍ମାଣ ପାଇଁ ପ୍ରସ୍ତୁତ ହେଉଛି ବୋଲି ଅଭିଯୋଗ କରିଛନ୍ତି। ଏହାକୁ ବିରୋଧ କରି ପ୍ରଭାବିତ ଅଞ୍ଚଳର ବାଗରିଖୋଲା, ଦୋରାଗୁଡା, ଟିକରପଡା, ଲଚ୍ଛୁଗୁଡା, ହାଡିଗୁଡା ମୁଷକାନି ୬ଟି ଗ୍ରାମର ଲୋକ



ଗ୍ରାମବାସୀ ଆଲୋଚନା କରୁଛନ୍ତି ।

ଗତ ରବିବାରଠାରୁ ଟିକରାପଡାଠାରେ ଧାରଣା ଦେଇଥିବା ଜଣାଯାଇଛି। କମ୍ପାନୀ ଦ୍ୱାରା ପ୍ରଭାବିତ ଲୋକେ ୭ ବର୍ଷ ପରେ ମଧ୍ୟ ଉପକୃତ ହୋଇପାରି ନାହାନ୍ତି । କାରଖାନାର ଧୂଳି,ଧୂଆଁ ଓ ଦୂଷିତ ଜଳ ପିଇ ଲୋକେ ହନ୍ତସନ୍ତ ହେଉଛନ୍ତି ବୋଲି ବାଗରିଖୋଲାର ନାଥଜାନୀ, ଶଙ୍କର ମୁଦୁଲି, ରଞ୍ଜନ ସାହୁ, ବିଶ୍ୱନାଥ ସାହୁ, ଅର୍ଜୁନ ଝୋଡିଆ, ଜଗନ୍ନାଥ ଦୋରା, ବିଭୀଷଣ ଦୋରା, ଦିଲୁ ଗୌଡ, ରାମେଶ୍ୱର ଗୌଡ଼, ଅରୁ ମାଝି କହିଛନ୍ତି। ପ୍ରଭାବିତ ଅଞ୍ଚଳର ବିକାଶ ନେଇ ଆଲୋଚନା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ଉତ୍କଳ ଆଲୁମିନାର ବରିଷ୍ଠ ଅଧିକାରୀ ତଥା ଅତିରିକ୍ତ ଉପସଭାପତି ଆଡମିନ୍ ସିଏସ୍‌ଆର ରାକେଶ ମିଶ୍ରଙ୍କୁ ଯୋଗାଯୋଗ ସମ୍ଭବ ହୋଇନାହିଁ ।